## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ: ଶ୍ୱଶୁର ଅଟକ

**ପଦ୍ମପୁର,୫।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଅଧୀନ ଖସରବେଡ଼ି ଗ୍ରାମରେ ବଧୂହତ୍ୟା ନେଇ ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ପୁରୁଷୋତ୍ତମ ମାଝୀଙ୍କ ଝିଅ ପିଙ୍କି ସେହି ଗ୍ରାମର ଜଣେ ଯୁବକଙ୍କୁ ୨୦୧୯ରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବୁଧବାର ପିଙ୍କି ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଖବର ପାଇ ପୁରୁଷୋତ୍ତମ ତାଙ୍କ ଶାଶୁଘରେ ପହଞ୍ଚିଥିଲେ। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ନାୟକାଣିଡିହୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୯/୨୦) ରୁଜୁ କରାଯାଇଛି। ମୃତା ପିଙ୍କିଙ୍କ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଧିକାରୀ ନିରୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଟ୍ରାଫିକ ସଚେତନତା

**ପଦ୍ମପୁର,୫।୩(ଡି.ଏନ.ଏ.):** ଭଦ୍ରକ ବ୍ଲକ ସାବରଙ୍ଗଠାରେ ଏନ୍‌ଡିଏମ୍ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ପରିବର୍ତ୍ତିତ ଟ୍ରାଫିକ ନିୟମର ବାର୍ତ୍ତା ଓ ସ୍ଲୋଗାନ ଦେଇ ବିଦ୍ୟାଳୟରୁ ବାହାରି ସାବରଙ୍ଗ ବଜାର ପରିକ୍ରମା କରିଥିଲେ। ସେମାନେ ଲୋକଙ୍କୁ ସଚେତନ କରାଇଥିଲେ। ପରିଚାଳନା କରିଥିଲେ ପ୍ରଧାନଶିକ୍ଷକ ନୀଳାଦ୍ରି ଭୂଷଣ ତ୍ରିପାଠୀ ଓ ପରିଚାଳନା କମିଟି ସଭାପତି ସୁରେଶ ନାୟକ। ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

### ଭଦ୍ରକ ଜିଲାକୁ ଦୁର୍ନୀତିମୁକ୍ତ ଲାଗି ଉଦ୍ୟମ

**ଭଦ୍ରକ ଅଫିସ, ୫।୩:** ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା)ର ଭଦ୍ରକ ଜିଲା ଶାଖା ପକ୍ଷରୁ ସାଳନ୍ଦୀ ହସ୍ପିଟାଲ ସଭାଗୃହରେ ସଭାପତି ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ବିଶ୍ୱକେଶରୀ ମହାନ୍ତି ସୂଚନା କର୍ମୀମାନଙ୍କୁ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଜିଲାର ସମସ୍ତ ୭ଟି ବ୍ଲକର ଆବାହକ ଓ ସଭାପତିଙ୍କୁ କିପରି ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯିବ ଏବଂ ଏ ବିଷୟରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷଙ୍କୁ ତାଲିକା ପ୍ରଦାନ ପାଇଁ ମତପ୍ରକାଶ ପାଇଥିଲା। ୭ ବ୍ଲକର ସୂଚନା କର୍ମୀ ଦୁର୍ନୀତିମୁକ୍ତ ପାଇଁ ଅଭିଯାନ ଆରମ୍ଭ କଲେ ଜିଲା ଦୁର୍ନୀତିମୁକ୍ତ ହୋଇପାରିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ବିପ୍ଳବ ହୋତା, ବିଜୟ ନାୟକ, ରବୀନ୍ଦ୍ର କୁମାର ଦାଶ, ପୀତାମ୍ବର ଧଳ, ସୁଶାନ୍ତ କୁମାର ଜେନା, ବ୍ରଜ ଦାସ, ଗୌରଗୋପାଳ ମହାନ୍ତି ପ୍ରମୁଖ ସୂଚନା କର୍ମୀ ଉପସ୍ଥିତ ଥିଲେ।

# ୬ ବର୍ଷ ବିତିଲା, ଗଡ଼ିଲାନି ସିଟିବସ୍

**ଭଦ୍ରକ ଅଫିସ,୫।୩**



■ ଇଚ୍ଛାଶକ୍ତି ସାଙ୍ଗକୁ ଭିତ୍ତିଭୂମି ଅଭାବ
■ ପ୍ରସ୍ତାବରେ ସୀମିତ ସେବା
■ ହଇରାଣ ହେଉଛନ୍ତି ଯାତ୍ରୀ

ଦିନକୁ ଦିନ ଜନାକୀର୍ଣ୍ଣ ହେଉଛି ଭଦ୍ରକ ସହର। ସଡ଼କ ଓ ରେଳ ଯୋଗାଯୋଗ କ୍ଷେତ୍ରରେ ସହର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭଦ୍ରକ ପୌରପାଳିକାରେ ସିଟିବସ୍ ସେବା ଏଯାଏ ଆରମ୍ଭ ହୋଇପାରି ନାହିଁ। ଫଳରେ ଦିନକୁ ଶତାଧିକ ଯାତ୍ରୀ ହଇରାଣ ହେଉଛନ୍ତି। ନଗର ଉନ୍ନୟନ ବିଭାଗ ପକ୍ଷରୁ ସିଟିବସ୍ ସେବା ଯୋଗାଇବା ସକାଶେ ୨୦୧୪ରେ ଉଦ୍ୟମ ହୋଇଥିଲା। ହେଲେ ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ ଏହି ସେବା ଆରମ୍ଭ ହୋଇପାରୁ ନାହିଁ। ଏହାମଧ୍ୟରେ ୬ ବର୍ଷ ବିତିଗଲାଣି। ବୈଠକ ପରେ ବୈଠକ ବସିଛି। କିନ୍ତୁ ଏହା କାର୍ଯ୍ୟକାରୀ ହେଉନି। ବାଲେଶ୍ୱର–ଭଦ୍ରକ ଅର୍ବାନ୍ ଟ୍ରାନ୍ସପୋର୍ଟ ଟ୍ରଷ୍ଟ ନାମରେ କମିଟି ଗଠନ କରାଯାଇ ଏହି ଦୁଇ ଜିଲାର ଏନ୍‌ଏସି ଓ ସହର ମୁଖ୍ୟାଳୟକୁ ସିଟିବସ୍ ସେବା ଯୋଗାଇବା ଯୋଜନା କେବଳ ପରିକଳ୍ପନାରେ ଅଟକି ରହିଛି।

୧୯୫୦ମେ ୮ରେ ମାତ୍ର ୧୨ଟି ୱାର୍ଡକୁ ନେଇ ଭଦ୍ରକ ଏନ୍‌ଏସି ଘୋଷଣା ହୋଇଥିଲା। ଦୀର୍ଘ ୩୮ବର୍ଷ ପରେ ୧୯୮୮ ମେ ୨୩ରେ ଏହାକୁ ପୌରାଞ୍ଚଳ ଘୋଷଣା କରାଗଲା। ଏନ୍‌ଏସି ବେଳେ ଥିବା ୧୨ଟି ୱାର୍ଡ କ୍ରମେ ବୃଦ୍ଧି ପାଇ ୩୦ଟି ୱାର୍ଡ ହୋଇଥିଲା। ଭଦ୍ରକ ପୌରାଞ୍ଚଳ ହେବାର ଏହାମଧ୍ୟରେ ୩୨ ବର୍ଷ ବିତିଗଲାଣି। ଭଦ୍ରକ ମଧ୍ୟ ସବ୍‌ଡିଭିଜନରୁ ଜିଲାର ମାନ୍ୟତା ପାଇଛି। ଜିଲା ସଦରମହକୁମାରେ ଥିବା ଏହି ପୌରାଞ୍ଚଳରେ ଯେଭଳି ବିକାଶ ହେବା କଥା ତାହା ହୋଇପାରି ନାହିଁ। ସହରର ଜନସଂଖ୍ୟା ବଢ଼ିବା ସାଙ୍ଗକୁ ଆୟତନ ବଢ଼ିଛି। ଲୋକଙ୍କ ଗମନାଗମନର ସୁବିଧା ସକାଶେ ପୌରପାଳିକା ପକ୍ଷରୁ କିଛି ବ୍ୟବସ୍ଥା କରାଯାଇ ନାହିଁ। ରାନ୍ଦିଆସ୍ଥିତ ଫେକର ପାୱାର ପ୍ଲାଣ୍ଟ ଅଞ୍ଚଳରୁ ସହର ଆରମ୍ଭ ହୋଇ ଇଚ୍ଛାପୁର ପର୍ଯ୍ୟନ୍ତ ଲମ୍ବିଛି। ମା' ଭଦ୍ରକାଳୀ ପୀଠଠାରୁ ଏହାର ପରିସୀମା ବୃଦ୍ଧି ପାଇ କୋରକୋରା, ଅର୍ଣ୍ଣପାଳ, ଗେଲଟୁଆ ଓ ନଳାଙ୍ଗ ପର୍ଯ୍ୟନ୍ତ ସହର ବଢ଼ି ଚାଲିଛି। ଚରମ୍ପାରୁ ରାଜପଥ କଡ଼ରେ ରାଣୀତାଲ ଯାଏ ସହର ବୃଦ୍ଧି ପାଇଛି। ପୌରପାଳିକାର ୱାର୍ଡ ପୁନର୍ଗଠନ ହେଲେ ୧୦ ସିଟିବସ୍ ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଭଦ୍ରକ ପୌରପାଳିକା ବସ୍‌ଷ୍ଟାଣ୍ଡ ଲାଗି ୪ ଏକର ଜାଗା ଏବଂ ନଗର ଉନ୍ନୟନ ବିଭାଗ ସିଟିବସ୍ ଯୋଗାଇ ଦେବା ବ୍ୟବସ୍ଥା ହୋଇଥିଲା। ପୌରପାଳିକା ଏହାର ପରିଚାଳନା କରିବ ବୋଲି ସ୍ଥିର ହୋଇଥିଲା। ଭଦ୍ରକ ସହର ମଧ୍ୟଭାଗରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡ, ଚରମ୍ପା ଓଏସ୍ଆର୍‌ଟିସି ବସ୍‌ଷ୍ଟାଣ୍ଡକୁ ଆଖି ଆଗରେ ରଖି ପୌରପାଳିକା ପ୍ରସ୍ତାବ ଦେଇଥିଲା। ମାତ୍ର ଏହା ପ୍ରସ୍ତାବରେ ଅଟକି ରହିଛି। ଏହି ଟ୍ରଷ୍ଟ କମିଟିରେ ଦୁଇ ଜିଲାର ଜିଲାପାଳ, ଏସ୍‌ପି, ଆର୍‌ଟିଓ ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସଦସ୍ୟ ଅଛନ୍ତି। ବାଲେଶ୍ୱର ଜିଲାପାଳ ଟ୍ରଷ୍ଟର ଅଧ୍ୟକ୍ଷ ଅଛନ୍ତି। ଏହି ସମୟରେ ଯୋଜନା ହୋଇ ବାଲେଶ୍ୱର ସହରରେ ସିଟିବସ୍ ସେବା ଆରମ୍ଭ କରାଯାଇଥିବାବେଳେ ଭଦ୍ରକରେ ଆରମ୍ଭ ହୋଇନି। ଯୋଜନା ପ୍ରାରମ୍ଭରୁ ଭଦ୍ରକରୁ ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ସିଟିବସ୍ ଚଳାଚଳ କରିବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, ଯାହା କି ଏଯାଏ କାର୍ଯ୍ୟକାରୀ ହୋଇପାରିଲାନି। ଏ ସମ୍ପର୍କରେ ଭଦ୍ରକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁଙ୍କୁ ପଚାରିବାରୁ କହିଛନ୍ତି, ସରକାରୀ ଯୋଜନା ଥିଲା ଏବଂ ବାଲେଶ୍ୱରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା। ସେଠାରେ ଏହି ସେବା ଏବେ ବନ୍ଦ। ଏଣୁ ବିଭାଗ ପକ୍ଷରୁ ଭଦ୍ରକରେ ସିଟିବସ୍ ଚଲାଇବା ଯୋଜନା ସାମୟିକ ଭାବେ ବନ୍ଦ କରାଯାଇଛି।

# ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ,୫।୩**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଟାଉନ ହଲ୍ ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ମୁଖ୍ୟବକ୍ତା କଥାକାର ପବିତ୍ର ପାଣିଗ୍ରାହୀ, ଅନ୍ୟତମ ବକ୍ତା ନାରାୟଣ ସେନାପତି, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ପଣ୍ଡା ଯୋଗଦେଇ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟକାରିତା ଓ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଅତିଥି ପରିଚୟ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନାର ଡେମୋ ପ୍ରକାଶିତ କରାଯାଇଥିଲା।

**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ବିଡିଓ ଉମେଶ ଚନ୍ଦ୍ର ମଲିକ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଏବିଡିଓ ବିରେନ୍ଦ୍ର ଦାସ, ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ସରପଞ୍ଚ ବିଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲିକ ସଂଯୋଜନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ସଭାପତି ଲକ୍ଷ୍ମୀଧର ନାୟକଙ୍କ ତତ୍ତ୍ୱାବଧାନରେ ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ, ଦୁର୍ଯ୍ୟୋଧନ ଜେନା, ରବୀନ୍ଦ୍ର ଜେନା ପ୍ରମୁଖ ବ୍ଲକ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ବାସୁଦେବପୁର:** ବାସୁଦେବପୁର ଟାଉନହଲ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ଓଏଲ୍ଏମ୍ ବୀଣାପାଣି ପଣ୍ଡା, ଯନ୍ତ୍ରୀ ସୁବାସ ଚନ୍ଦ୍ର ତରେଇ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ପ୍ରଣବ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ ସଭାପତିତ୍ୱ କରିଥିଲେ। ଜିପିଇଓ ଅଶୋକ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଅଗୁଁଆ ସରପଞ୍ଚ ଗିରୀଶ ଚନ୍ଦ୍ର ସାମଲ ଓ ପଗୁଁଆ ସରପଞ୍ଚ ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି।

**ବନ୍ତ:** ବନ୍ତ ବ୍ଲକର ମହାନ୍ତିପଡ଼ା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ଜେନା, ନାଏବସରପଞ୍ଚ ଜଗନ୍ନାଥ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ, ଶିକ୍ଷାବିତ୍ ଶାନ୍ତିଲତା ଆଚାର୍ଯ୍ୟ, ପ୍ରତାପ ନାୟକ, ସୁରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚାରିଗାଁରେ ସରପଞ୍ଚ ବନମାଳି ବେହେରା, କାଦବରାଙ୍ଗରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ, ଆଡ଼ିଆରେ ସରପଞ୍ଚ ଶଶୀବାଳା ସେଠୀ, ବଡ଼ବର୍ଦ୍ଧିକୟାଁରେ ସରପଞ୍ଚ ବିଷ୍ଣୁମୋହନ ଜେନାଙ୍କ ସଭାପତିତ୍ୱରେ ପାଳନ କରାଯାଇଥିଲା। ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ ଉପଲକ୍ଷେ ଆଗରପଡ଼ା ଜୋନ୍ ବିଜେଡି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ତିହିଡ଼ି:** ତିହିଡ଼ି ବ୍ଲକ କାର୍ଯ୍ୟାଳୟସ୍ଥିତ କୃଷି ସୂଚନା ପରାମର୍ଶକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ସମାରୋହରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ବିଡିଓ ଶରତ ମଲିକ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ରଘୁନାଥ ପଣ୍ଡା, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତରଣୀସେନ ବାରିକ, ବ୍ଲକ ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ବ୍ଲକ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରା ଓ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶାରଦା ବଳ ଓ ଈଶ୍ୱର ଚନ୍ଦ୍ର ବାରିକଙ୍କ ସହ ୨ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା।

**ଧାମନଗର:** ଧାମନଗର ପଞ୍ଚାୟତ ସମିତି ପରିସରରେ ବିଜୁ ବାବୁଙ୍କୁ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ଅଶୋକ ନାୟକ ଅଧ୍ୟକ୍ଷତା କରିଥିଲେ। ବିଡିଓ ଦୁର୍ଗାଚରଣ ମୁର୍ମୁ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ ଏବଂ ବ୍ଲକ କୃଷି ଅଧିକାରୀ ରାଧାରମଣ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବିବାହ ବାର୍ଷିକୀରେ ରୋଗୀଙ୍କୁ ଫଳ ବାଣ୍ଟିଲେ


ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବାଣ୍ଟୁଛନ୍ତି ଦମ୍ପତି।

**ବନ୍ତ,୫।୩(ସ୍ୱ.ପ୍ର.)**

ନିଜ ବିବାହ ବାର୍ଷିକୀରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବାଣ୍ଟି ପ୍ରଶଂସା ସାଉଣ୍ଟିଛନ୍ତି ବନ୍ତ ବ୍ଲକ ସରମରା ଗ୍ରାମର ଦମ୍ପତି ପ୍ରିୟବ୍ରତ ରାଉତ ଓ ଶୁଭଶ୍ରୀ ରାଉତ। ଏହି ଦମ୍ପତି ଗୁରୁବାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବାଣ୍ଟିବା ସହ ରୋଗୀମାନଙ୍କ ସହ ଭାବବିନିମୟ କରିଥିଲେ। ପେସାରେ ପ୍ରିୟବ୍ରତ ଜଣେ ପ୍ରାଣୀ ନିରୀକ୍ଷକ ଓ ଶୁଭଶ୍ରୀ ଶିକ୍ଷୟିତ୍ରୀ। ୩ୟ ବିବାହ ବାର୍ଷିକକୁ ସେମାନେ ନିଆରା ଢଙ୍ଗରେ ପାଳି ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟରେ ସେମାନଙ୍କୁ ପ୍ରିୟବ୍ରତଙ୍କ ମା' ସାବିତ୍ରୀ, ବନ୍ଧୁ କୀର୍ତ୍ତିଶଙ୍କର ମହାନ୍ତି ଓ ରାଜୀବ ଲୋଚନ ରାୟ ସହଯୋଗ କରିଥିଲେ। ବିବାହ ବାର୍ଷିକରେ ଏଭଳି ପଦକ୍ଷେପକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଷ୍ଟାଫନର୍ସ ଓ କର୍ମଚାରୀଙ୍କ ସମେତ ରୋଗୀଙ୍କ ସମ୍ପର୍କୀୟମାନେ ପ୍ରଶଂସା କରିଛନ୍ତି।

# କଲେଜର ମୁଖପତ୍ର 'ପ୍ରଭଞ୍ଜନ' ଉନ୍ମୋଚିତ

**ତିହିଡ଼ି,୫।୩(ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ–ଅର୍ଜ୍ଜୁନ(ବିଏନ୍ଏମ୍ଏ) କଲେଜର ବାର୍ଷିକ ମୁଖପତ୍ର 'ପ୍ରଭଞ୍ଜନ' ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବକୁ ଅଧ୍ୟକ୍ଷ ଡ. ଅଜିଜୁର ରହେମାନ ଉଦ୍‌ଘାଟନ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ କଥାକାର ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ କଥାକାର ସଦାନନ୍ଦ ତ୍ରିପାଠୀ ମୁଖ୍ୟଅତିଥି, କବି, ଗାଳ୍ପିକ ସରୋଜ ବଳ ଓ ଷ୍ଟେଟବ୍ୟାଙ୍କର ଭଦ୍ରକ ମୁଖ୍ୟ ଶାଖା ପରିଚାଳକ ଗାଳ୍ପିକ ମୀନକେତନ ବରାଳବାଡ଼ିଆ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମୁଖପତ୍ରକୁ ଉନ୍ମୋଚନ କରିଥିଲେ। ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଓ ଡ. ବନଜବାସିନୀ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ଚୌଧୁରୀ, ଡ. ପ୍ରଭାତ ମହାନ୍ତି, ପ୍ରାଧ୍ୟାପକ ଅନାମ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭଞ୍ଜନ ସମ୍ପାଦନା ମଣ୍ଡଳୀ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ଗଳ୍ପ କର୍ମଶାଳାର ୫ ସଫଳ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୀପକ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ମଞ୍ଜୁର ଅହମଦ ଖାନ, ଡ. ଲକ୍ଷ୍ମୀନାରାୟଣ ବିନ୍ଧାଣୀ, ରାଜନ୍ଦ୍ରେ ଭୁଏ, ଗୋବିନ୍ଦ ଚନ୍ଦ୍ର ବାଗ୍, ବୈଷ୍ଣବ ମହାନ୍ତି, ସରୋଜ ମହାପାତ୍ର ଓ କିଶୋର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# 'ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଫିସର ରାଜୁତି ବନ୍ଦ ହେଉ'

**ଭଦ୍ରକ ଅଫିସ, ୫।୩**

ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ ଓ ଅଧିକ କ୍ରିୟାଶୀଳ କରିବା ପାଇଁ ଭଦ୍ରକ ଜିଲା କଂଗ୍ରେସ ଦାବି କରିଛି। ଏହି ବ୍ୟବସ୍ଥାରେ ଅଫିସର ରାଜୁତି ଚଳିବ ନାହିଁ ବୋଲି କଂଗ୍ରେସ ସମାଲୋଚନା କରିଛି। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ମାଧ୍ୟମରେ ଗୁରୁବାର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଦେଶର ବିକାଶ କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗକୁ ପ୍ରାଥମିକତା ଦେଇ ସମ୍ବିଧାନ ସଂଶୋଧନ ପାଇଁ ପ୍ରୟାସ କରିଥିଲେ। ଯାହା ୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ ଭାବେ ପରିଗଣିତ। ଏହି ଆଇନ ଦ୍ୱାରା ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ, ସୁଦୃଢ଼ ଏବଂ ସ୍ୱତନ୍ତ୍ର କରିବାର ପରିକଳ୍ପନା କରାଯାଇଥିଲା। କିନ୍ତୁ ଓଡ଼ିଶା ସରକାର ଏହି ଆଇନକୁ ଅବମାନନା କରିଚାଲିଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କ ବଦଳରେ ଅଫିସରମାନଙ୍କୁ ଗୁରୁତ୍ୱ ଦିଆଯାଉଛି। ବ୍ଲକ କର୍ତ୍ତୃପକ୍ଷଙ୍କ ଦସ୍ତଖତ ବିନା ପଞ୍ଚାୟତର କୌଣସି ପ୍ରକଳ୍ପ ଅନୁମୋଦିତ ହୋଇପାରିବ ନାହିଁ କିମ୍ବା ସେ ବାବଦ ଅର୍ଥରାଶି କାହାକୁ ଦିଆଯାଇପାରିବ ନାହିଁ। ଗ୍ରାମସଭା ଓ ପଲ୍ଲିସଭା କରା ନ ଯାଇ ପ୍ରକଳ୍ପ ଅନୁମୋଦନ କରାଯାଉଛି। ଆବାସ ଯୋଜନାରେ ହିତାଧିକାରୀଙ୍କୁ ସାମିଲ ପୂର୍ବରୁ ୱାର୍ଡସଭ୍ୟଙ୍କ ବିନା ଅନୁମୋଦନରେ କାର୍ଯ୍ୟ ପ୍ରଦାନ କରାଯାଉଛି। ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଓ ୱାର୍ଡସଭ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳପିଣ୍ଡ ହୋଇଥିବାବେଳେ ସେମାନଙ୍କୁ ନାମକୁମାତ୍ର ଭତ୍ତା ପ୍ରଦାନ କରାଯିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା। ଏଭଳି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କଂଗ୍ରେସର ଜିଲା ସଭାପତି ଅଶୋକ ଦାସ, ନଳିନୀକାନ୍ତ ମହାନ୍ତି, ସୁବ୍ରତ ଦାସ, ଆଶିଷ ରାଉତ ପ୍ରମୁଖ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସି ଟାଇଗର୍ସ ବିଜୟୀ

**ବାଲେଶ୍ୱର ଅଫିସ, ୫।୩**

**ବାଲେଶ୍ୱର ପ୍ରିମିୟର ଲିଗ୍-୧୧**

ବାଲେଶ୍ୱର ସହର ସ୍ଥାନୀୟ ପରମିଟ୍ ପଡ଼ିଆରେ ବାଲେଶ୍ୱର ପ୍ରିମିୟର ଲିଗ୍–୧୧ର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ବର୍ଷା ଯୋଗୁ ନିର୍ଦ୍ଧାରିତ ୨୦ ଓଭର ଖେଳ ପରିବର୍ତ୍ତେ ୧୨ ଓଭର ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷ ମ୍ୟାଚ୍ ଗ୍ରୀନ ଲିଫ୍ ଫାଇଟର୍ସ ଓ ସି ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସି ଟାଇଗର୍ସ ଟସ୍ ଜିତି ଗ୍ରୀନ ଲିଫ୍ ଫାଇଟର୍ସକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ଗ୍ରୀନ ଲିଫ୍ ପକ୍ଷରୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮୩ରନ୍ ସଂଗ୍ରହ କରିଥିଲା। ଜବାବରେ ସି ଟାଇଗର୍ସ ୧୦.୨ ଓଭରରେ ୫ ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲେ। ସି ଟାଇଗର୍ସର ଖେଳାଳି ଚନ୍ଦନ ସାହୁ ୩ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚ୍‌କୁ ରାଜେଶ ମହାପାତ୍ର ଓ ଅଶ୍ୱିନୀ ସାମଲ ପରିଚାଳନା କରିଥିବାବେଳେ ରାହୁଲ ସିଂ ଓ ସୌମେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱରେ ଥିଲେ।



ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି।

# ଅଦିନିଆ ବର୍ଷା ଉଜାଡ଼ିଲା ଟମାଟୋ ଫସଲ

**ଆରଡ଼ି,୫।୩(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର କୁଳସାହି, ତେଲିପାଟଣା, ଗଡ଼ଗଡ଼ି, ସାହୁସାହି, ପାଳସାହି ଓ ବେତାଳିଗାଁ ଆଦି ସ୍ଥାନରେ ପରିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସେମାନେ କରିଥିବା ଟମାଟୋ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ୧୫ଦିନ ତଳେ ହୋଇଥିବା ଅଦିନିଆ ବର୍ଷା ଫସଲ ଉଜାଡ଼ି ଦେଇଥିବା ଚାଷୀମାନେ କହିଛନ୍ତି। କେତେକ ଟମାଟୋ ଗଛରେ ଫୁଲ ଓ ଆଉ କେତେକ ଗଛରେ କଷି ଧରିଥିଲା। ବର୍ଷା ପରେ ସମସ୍ତ ଗଛର ପତ୍ର ଶୁଖିଯିବା ସହ ଫୁଲ ଓ ଫଳ ମଧ୍ୟ ଖସି ପଡୁଛି। ଫସଲ ଅମଳକୁ ନେଇ ଆଶା ରଖିଥିବା ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଫସଲ ନଷ୍ଟ ସମ୍ପର୍କରେ ସେମାନେ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିଛନ୍ତି। ତାଙ୍କ ପରାମର୍ଶରେ ଭଦ୍ରକ ଚରମ୍ପାସ୍ଥିତ ହର୍ଟିକଲ୍‌ଚର କାର୍ଯ୍ୟାଳୟର ଅଧିକାରୀଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ ସହ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। କେତେଜଣ ଚାଷୀ ଫସଲ ବୀମା କରିଥିବାବେଳେ ଅନେକ ବୀମା କରିନାହାନ୍ତି। ଟମାଟୋ ଫସଲ କ୍ଷୟକ୍ଷତିର ସହାୟତା ନେଇ ଚାଷୀମାନେ ଆଶା ବାନ୍ଧି ବସିଛନ୍ତି। ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଶାନ୍ତନୁ ନାୟକ କହିଛନ୍ତି, ଏହା କେବଳ ଧାମନଗର ବ୍ଲକର ସେହି ଅଞ୍ଚଳର ସମସ୍ୟା ନୁହେଁ ସମଗ୍ର ଜିଲାର ସମସ୍ୟା। କୌଣସି କାରଣରୁ ବାୟୁମଣ୍ଡଳ ଦୂଷିତ ହୋଇଛି ଓ ଏହା ପ୍ରଭାବରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ହର୍ଟିକଲ୍‌ଚର ବିଭାଗ ଅଧିକାରୀଙ୍କୁ ଫସଲ କ୍ଷୟକ୍ଷତି ବାବଦରେ ଉପଯୁକ୍ତ ପ୍ରମାଣ ଦେଇ କ୍ଷତିପୂରଣ ପାଇଁ ଆବେଦନ କରିବା ଉଚିତ। ମାସକ ମଧ୍ୟରେ ସେମାନେ କ୍ଷତିପୂରଣ ପାଇଯିବେ ବୋଲି ସେ କହିଛନ୍ତି।


ବର୍ଷାରେ ନଷ୍ଟ ହୋଇଯାଇଥିବା ଟମାଟୋ।

# ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ସ୍ଥାନ ନିରୂପଣ ଦାବିରେ ଅନଶନ

**ବନ୍ତ,୫।୩(ସ୍ୱ.ପ୍ର.)**

ବନ୍ତ ବ୍ଲକର ନୂତନ ଚାରିଗାଁ(ଚକ୍ରାପାଢ଼ୀ) ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ ଦାବିରେ ଚକ୍ରାପାଢ଼ୀ ଗ୍ରାମବାସୀ ଗୁରୁବାରଠାରୁ ଅନଶନ କରିଛନ୍ତି। ସେମାନେ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅନଶନ କରି ବସି ରହିଛନ୍ତି। କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଏକାଧିକବାର ସ୍ଥାନ ନିରୂପଣ କରାଯାଉଥିଲେ ମଧ୍ୟ ଜମିର କିସମ ଉପଯୋଗୀ ହେଉ ନ ଥିବା ଦର୍ଶାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ବିଳମ୍ବ କାରଣରୁ ଗ୍ରାମର ବାଙ୍କବିହାରୀ ସାହୁ ସ୍ଥାନୀୟ ଲୋକଙ୍କୁ ନେଇ ଅନଶନରେ ବସିବେ ବୋଲି ବିଧାୟକ, ଜିଲାପାଳ, ବିଡିଓ ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହି ଅନୁସାରେ ପୂର୍ବାହ୍ନ ୧୦ଟାରେ ବାଙ୍କବିହାରୀଙ୍କ ନେତୃତ୍ୱରେ ଗ୍ରାମର ନିରଞ୍ଜନ କର, ଧରଣୀଧର କର, ରମେଶ ବେଶାଖ, ବାମଦେବ କର, ପୁରୁଷୋତ୍ତମ ରାଉତ, ବିଶ୍ୱବାସୀ କୁଣ୍ଡୁ, ମାଳତୀ କୁଣ୍ଡୁ, ଦୀପକ କୁମାର କର, ଦାମୋଦର ଜେନା ପ୍ରମୁଖ ଅନଶନରେ ବସିଥିଲେ। ସରପଞ୍ଚ ବନମାଳି ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବୀରକିଶୋର ନାୟକ ଓ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ସମାଧାନ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ହୀନଚକ୍ରାନ୍ତ ଯୋଗୁ ସ୍ଥାନ ନିରୂପଣରେ ବାଧକ ହେଉଥିବା ବାଙ୍କବିହାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ କହିଛନ୍ତି ଯେ, ପ୍ରଥମେ ନିରୂପଣ କରାଯାଇଥିବା ସ୍ଥାନ ଜମିର କିସମ ଉପଯୋଗୀ ହୋଇ ନ ଥିବାରୁ ଜିଲାପାଳ ଖାରଜ କରିଥିଲେ। ଏବେ ନିରୂପଣ ସ୍ଥାନର କିସମ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଚାଲିଛି।



ଧାରଣାରେ ବସିଛନ୍ତି ଚକ୍ରାପାଢ଼ୀ ଗାଁ ଲୋକ।

## ସଂକ୍ଷେପରେ

### ନିଲାମ ହେଲା ଚିତ୍ରଡ଼ା ହାଟ

**ଚିତ୍ରଡା,୫।୩(ଡ଼ି.ଏନ୍.ଏ.)**- ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ହାଟ ବୁଧବାର ନିଲାମ କରାଯାଇଛି। ବାର୍ଷିକ ୯୬ ହଜାର ୨ଶହ ଟଙ୍କାରେ ଏସକେ ଇନାଏତ ଏହି ହାଟକୁ ନିଲାମ ଧରିଛନ୍ତି। ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ନିଲାମ କାର୍ଯ୍ୟକ୍ରମରେ ମୋରଡ଼ା ବ୍ଲକ ପଞ୍ଚାୟତ ଅଧିକାରୀ ସୁଶାନ୍ତ କୁମାର ରାଉଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ମହାପାତ୍ର, ଓଡ଼ିଶା ଲିଭ୍ଲିହୁଡ଼ ଫେଡେରେଶନର ବିପିଏମ ଅଚିନ୍ତ କୁମାର ଦାସ, ସରପଞ୍ଚ ଦୁଲାରୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପରେ ପଞ୍ଚାୟତର ବିଭିନ୍ନ ପୋଖରୀ ନିଲାମ ପାଇଁ ପଞ୍ଚାୟତ ଅଧିକାରୀ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀ ବିଭିନ୍ନ ଅଭିଯୋଗ କରିବାରୁ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିଲା। ଅନ୍ୟମାନଙ୍କ ମଧରେ ନାଏବ ସରପଞ୍ଚ ଗଗନ ବେହେରା, ପୂର୍ବତନ ସରପଞ୍ଚ ବାଲକ ମାରାଣ୍ଡି, ସୁରେନ ମହାନ୍ତ,ୱାର୍ଡ ମେମ୍ବର ଶ୍ରୀମାତ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲ ସୁରକ୍ଷା ଲାଗି ଗ୍ରାମ୍ୟ କମିଟି ଗଠନ

**କୋଷ୍ଠା,୫।୩(ଡି.ଏନ୍.ଏ.):** ଶୂଳିଆପଦା ବ୍ଲକ ଅଧୀନ ପାକଟିଆ ଗ୍ରାମରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଉଳି ବନାଞ୍ଚଳ ଅଧିକାରୀ ରବିନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫରେଷ୍ଟ ଗାର୍ଡ ବିଜୟ କୁମାର ସେଠୀ, ସସ୍ମିତା ଶତପଥୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ପାକଟିଆ ସରପଞ୍ଚ ବାସନ୍ତୀ ମୁଣ୍ଡା, ସମିତି ସଭ୍ୟ ମିନକେତନ ସି, ଗ୍ରାମର ପ୍ରମୁଖ ବ୍ୟକ୍ତି ହରେନ୍ଦ୍ର ମୋହନ ସି, ପୁରୁଷୋତ୍ତମ ସି, ପଞ୍ଚାନନ ଧଳ, ସରୋଜ କୁମାର ଦାସ ପ୍ରମୁଖଙ୍କ ସମେତ ଗ୍ରାମର ଅନ୍ୟମାନେ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ଜଙ୍ଗଲର ସୁରକ୍ଷା ପାଇଁ ଏକ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ହରେନ୍ଦ୍ର ମୋହନ ସି, ଉପସଭାପତି ଯମୁନା ପାଟବନ୍ଧା, ସମ୍ପାଦକ ଶୂଳିଆପଦା ବନପାଳ ଚିନ୍ତାମଣି ମହାପାତ୍ର, କୋଷାଧ୍ୟକ୍ଷ ଗୌରମୋହନ ରାଜ,ଏନିମେଟର ହରିହର ବାରିକ, ୱାର୍ଡ ମେମ୍ବର ପଞ୍ଚାନନ ଧଳଙ୍କ ସମେତ ୫ ମହିଳା ଓ ୫ପୁରୁଷଙ୍କୁ ନେଇ ମୋଟ ୧୫ ଜଣିଆ କମିଟି ଗଠନ କରାଯାଇଥିଲା।

### କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବେତନଟୀ,୫।୩(ଡ଼ି.ଏନ୍.ଏ.)**- ବେତନଟୀ ବ୍ଲକ ବଡଛୁରୁଣୀ ଗ୍ରାମସ୍ଥିତ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନବକିଶୋର ଦଣ୍ଡପାଟଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ଦୀପ କୁମାର ସାମଲ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦାନ କରି ପିଲାମାନଙ୍କୁ ଗୁରୁଭକ୍ତିର ଶିକ୍ଷା ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ଦୀର୍ଘଦିନର ଅଭିଜ୍ଞତା ବଖାଣୀ ଥିଲେ। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶତରୂପା ପଟେଲ, ଭାଗ୍ୟଶ୍ରୀ ହତା, ରାଜଶ୍ରୀ ସେଠୀ, ପୁଷ୍ପିତା ବିଶ୍ୱାଳ, ଶିକ୍ଷକ ରଞ୍ଜନ କୁମାର ଜେନା, ତାପସ ରଞ୍ଜନ ଗଛାୟତ, ଧରଣୀଧର ବେହେରା, ରବୀନ୍ଦ୍ର ବିଶ୍ୱାଳ, ରମାକାନ୍ତ ଦାସ, ଗୋପବନ୍ଧୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚେକିଂ ଢିଲା, ସୁଧୁରୁନି ବ୍ୟବସ୍ଥା

**ବାରିପଦା ଅଫିସ, ୫।୩**

୨ଟି ପର୍ଯ୍ୟାୟରେ ରାଜ୍ୟ ସରକାର ସଂଶୋଧିତ ମୋଟର ଯାନ ଆଇନକୁ ୬ ମାସ କୋହଳ କରିଥିଲେ। ଗତ ରବିବାର କଣ୍ଟ ପୂରିଲା ପରେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ପକ୍ଷରୁ ଗାଡ଼ି ଚେକିଂ କରାଯାଇଥିଲା। ୩ ଦିନ ଧରି ଚେକିଂ ହେବା ପରେ ବର୍ତ୍ତମାନ ଆଉ ଚେକିଂ କରାଯାଉନାହିଁ। ରବିବାର ୫୮, ସୋମବାର ୫୨ ଓ ମଙ୍ଗଳବାର ୫୦ ଜଣ ଚାଳକଙ୍କ ନାମରେ ଜରିମାନା ଚାଲାଣ କଟାଯାଇଥିଲା। ହେଲମେଟ ନ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ଚଳାଇବା, ବିନା ଲାଇସେନ୍ସରେ ଗାଡ଼ି ଚଳାଇବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ୨ ଦିନ ହେଲା ଢିଲା ଚେକିଂ ଯୋଗୁ ସମସ୍ତେ ସଡ଼କ ସୁରକ୍ଷା ନିୟମକୁ ଫୁ କରି ଉଡ଼ାଇ ଚାଲିଛନ୍ତି। ବାଇକ୍ ଚାଳକମାନେ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବାବେଳେ କାର ଡ୍ରାଇଭରମାନେ ନିୟମ ଉଲ୍ଲଂଘନ କରି ଚଳାଉଥିବା ଦେଖିବାକୁ ମିଳୁଛି।



ବିଜୁ ଗାଁ ଗାଡ଼ିରେ ଅସୁରକ୍ଷିତ ଭାବେ ଯାଉଥିବା ଯାତ୍ରୀମାନେ।

ସେହିଭଳି କେତେକ ବସ୍ ଓ ମିନି ବସ୍‌ର କାଗଜପତ୍ର ନ ଥିବା ବେଳେ ସେଗୁଡ଼ିକ ପ୍ରତିଦିନ ଚାଲୁଥିବା ମଧ୍ୟ ଜଣାପଡ଼ିଛି। ଟାଟା ମ୍ୟାଜିକ୍ (ବିଜୁ ଗାଁ ଗାଡ଼ି)ରେ ଲୋକମାନେ ଅସୁରକ୍ଷିତ ଭାବେ ଯାଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ବାଘେରା ରୋଡ଼, ପାଲବଣି ଗୋଲେଇ ଆଦି ଛକରେ ଯାତ୍ରୀମାନେ ପ୍ରତିଦିନ ଅସୁରକ୍ଷିତ ଭାବେ ଗାଡ଼ିରେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ଛକରେ ଟ୍ରାଫିକ ପୋଲିସ ଥିଲେ ମଧ୍ୟ କେହି ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏ ନେଇ ଆରଟିଓ ଗୋପାଳ କୃଷ୍ଣ ଦାସ କୁହନ୍ତି ପୋଲିସ କର୍ମଚାରୀମାନେ ଆସି ନ ଥିବାରୁ ଚେକିଂ ହୋଇ ପାରି ନ ଥିଲା। ଆଗାମୀ ଦିନରେ ଚେକିଂ କଡ଼ାକଡ଼ି କରାଯିବ ବୋଲି ସେ ପ୍ରକାଶ କରିଥିଲେ।

### ୬ ମାସରେ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି ୩୩୦୯୫

ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ନେଇ ଘୋଷଣା ହେବା ପରେ ଆରଟିଓ କାର୍ଯ୍ୟାଳୟରେ ଭିଡ଼ ପରିଲକ୍ଷିତ ହେଉଛି। ଗାଡ଼ିର କାଗଜ ପତ୍ର କରାଇବା, ବିଶେଷ କରି ଚାଳକମାନେ ନିଜର ଲାଇସେନ୍ସ ପାଇଁ ଆବେଦନ କରୁଥିବା ଦେଖିବାକୁ ମିଳୁଛି। ଗତ ୬ ମାସରେ ୩୩୦୯୫ ଜଣ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦୧୭ ଜଣଙ୍କୁ ମେନ୍ ଲାଇସେନ୍ସ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ମାସରେ ୨୨୨୨ରୁ ୨୨୬, ଅକ୍ଟୋବରରେ ୭୬୧୮ରୁ ୪୩୨, ନଭେମ୍ବରରେ ୯୨୦୫ରୁ ୬୫୬, ଡିସେମ୍ବରରେ ୫୮୧୨ରୁ ୮୯୭, ଜାନୁୟାରୀରେ ୫୫୪୬ରୁ ୧୨୦୬ ଓ ଫେବୃୟାରୀରେ ୨୬୯୧ରୁ ୧୬୦୦ ଜଣଙ୍କୁ ମେନ୍ ଲାଇସେନ୍ସ ପ୍ରଦାନ କରାଯାଇଛି। ବାକି ୨୮୦୭୮ ଜଣଙ୍କୁ ଲର୍ଣ୍ଣିଙ୍ଗ ଲାଇସେନ୍ସ ପ୍ରଦାନ କରାଯାଇଛି ବୋଲି ଆରଟିଓ କାର୍ଯ୍ୟାଳୟରୁ ସୂଚନା ମିଳିଛି।

# ଜୟନ୍ତୀରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି


ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

**ବାରିପଦା ଅଫିସ, ୫।୩**

ଜିଲା ବିଜୁ ଜନତା ଦଳ (ବିଜେଡି ) ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ଭବନଠାରେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଜୁ ପଟ୍ଟନାୟକ ଗୋଲେଇ ମଣ୍ଡପଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ସଭାପତି ତଥା ରାଜସ୍ୱ ବିପର୍ଯ୍ୟୟ ଓ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ନିଜ ବକ୍ତବ୍ୟରେ ବିଜୁ ବାବୁଙ୍କୁ ନବ ଓଡ଼ିଶାର ନିର୍ମାତା ତଥା ଝଡ଼ର ଇଗଲ ବୋଲି ପ୍ରକାଶ କରିଥିଲେ। ଆସନ୍ତା ୮ ତାରିଖ ବିଶ୍ୱ ମହିଳା ଦିବସ ଅସରରେ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ବିଶାଳ ମହିଳା ସମ୍ମିଳନୀ ହେବା ସହିତ ୧୮ରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭାଦବ ହାଁସଦା, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ସୁନୀଲ କୁମାର ଦାଶ, ପୂର୍ବତନ ଜିଲା ବିଜେଡ଼ି ସଭାପତି ତଥା କଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ବୀଣାପାଣି ସାହୁ, ସରୋଜ ମହାପାତ୍ର, ସୁନିଲ ନାୟକ, ନରେନ୍ଦ୍ର ହାଁସଦାଙ୍କ ସମେତ ଏକାଧିକ ନେତା ଓ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ନେତୃମଣ୍ଡଳୀ ବାରିପଦା ପିଆରଏମ ମେଡ଼ିକାଲରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ।

### ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ବିଶୋଇ,୫।୩(ଡି.ଏନ୍.ଏ.)**

ବିଶୋଇ ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାଇବା ହାଁସଦା। ପୋଲିସ ସୂଚନା ଅନୁଯାୟୀ, ଗତ ୨ ତାରିଖରେ କେହି ଘରେ ନ ଥିବା ସୁଯୋଗରେ ସାଇବା ଉକ୍ତ ମହିଳାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ମହିଳା ଜଣଙ୍କ ଘଟଣା ସମ୍ପର୍କରେ ଜଣାଇଥିଲେ। ୪ ତାରିଖରେ ପୀଡିତାଙ୍କ ପରିବାର ଲୋକେ ଏନେଇ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଏପ୍ରିଲ ୯ରୁ ଚାରିଦିନିଆ ଚୈତ୍ର ପର୍ବ

**ବାରିପଦା ଅଫିସ, ୫।୩**

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଚୈତ୍ର ପର୍ବ-୨୦୨୦ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ନିମନ୍ତେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରସିଦ୍ଧ ଚୈତ୍ର ପର୍ବ, ଛଉ ନୃତ୍ୟ ଉତ୍ସବର ଐତିହ୍ୟ ପରମ୍ପରାକୁ ବଜାୟ ରଖି ମହା ସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା ନିମନ୍ତେ ଜିଲାପାଳ ଅନୁରୋଧ କରିଥିଲେ। ଏପ୍ରିଲ୍ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସରକାରଙ୍କ ପଞ୍ଚାୟତିରାଜ ବିଭାଗ (ଓରମାସ) ପକ୍ଷରୁ ଛଉ ପଡିଆ ସଂଲଗ୍ନ କଲେଜ ପଡିଆଠାରେ ପଲ୍ଲିଶୀ ମେଳା ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ସାଂସ୍କୃତିକ ଦଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିଭଳି ବାରିପଦାର ପ୍ରସିଦ୍ଧ ପାରମ୍ପରିକ ଛଉ ନୃତ୍ୟ ପ୍ରତିଷ୍ଠାନ ଯଥା ଉତ୍ତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର କଳାକାରମାନଙ୍କଦ୍ୱାରା ନୃତ୍ୟ ପରିବେଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥି ସହିତ ମୟୂରଭଞ୍ଜ ଛଉନୃତ୍ୟ କଳାର ଐତିହ୍ୟ ସମ୍ପର୍କୀତ ଛଉଗୁରୁ, ଗବେଷକ, ଲେଖକ, କଳାକାର, ବାଦ୍ୟଯନ୍ତ୍ର, ପୋଷାକ ଆଦି ଉପରେ ପର୍ଯ୍ୟବେକ୍ଷିତ ଫଟୋ ପ୍ରଦର୍ଶନୀ ଓ ବାଲୁକା ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଜିଲାର ଛଉ ନୃତ୍ୟ କଳା କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ଅର୍ଜନ କରିଥିବା ଗୁରୁ ଓ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ସ୍ୱାଧଦେବ ସିଂ , ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ପ୍ରମୁଖ ସମେତ ବିଭିନ୍ନ ବିଭାଗ ପଦାଧିକାରୀ, ଉତର ସାହି ଓ ସକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।

### ୨୮ରେ ବେତନଟୀ ଓକିଲ ସଂଘର ନିର୍ବାଚନ

**ବେତନଟୀ,୫।୩(ଡ଼ି.ଏନ୍.ଏ.)**

ବେତନଟୀ ଓକିଲ ସଂଘର ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିବା ଓକିଲ ରଣଜିତ୍ ଗନ୍ତାୟତ୍ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୫ ଓ ୬ ତାରିଖରେ ପ୍ରାର୍ଥିପତ୍ର ଦାଖଲ, ୭ରେ ଯାଞ୍ଚ କରାଯିବ ବୋଲି ରାଜ୍ୟ ବାର୍ କାଉନ୍‌ସିଲ୍‌ଙ୍କ ବିଜ୍ଞପ୍ତି ନଂ.୯୮୭/୨୦୨୦ ଅନୁଯାୟୀ ସ୍ଥିର ହୋଇଛି। ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୪ରେ ତାଲିକା ପ୍ରକାଶ ପରେ ୨୮ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୫ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ସମେତ ସଭାପତି, ସମ୍ପାଦକ, ସହ ସମ୍ପାଦକ, ଉପସଭାପତି, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ପଞ୍ଚାୟତିରାଜ ଦିବସ

**ଖୁଣ୍ଟା,୫।୩(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ମାନସ ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି ,ଉପାଧ୍ୟକ୍ଷ ସିଦ୍ଧନାଥ ସରେନ,ଏବିଡ଼ିଓ ବସନ୍ତ କୁମାର ପୃଷ୍ଟି, ଜିପିଓ ପ୍ରମୋଦ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ପ୍ରଥମେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା।

**ଠାକୁରମୁଣ୍ଡା,୫।୩(ଡ଼ି.ଏନ୍.ଏ.):** ଠାକୁରମୁଣ୍ଡା ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ସମ୍ମାନନୀୟ ଅତିଥିଭାବେ ବ୍ଲକ ଉପଧ୍ୟକ୍ଷା ସୁଶ୍ରୀ ଯବାମଣି ଟୁଡୁ, ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମିଞ୍ଜ, ପଞ୍ଚାୟତ ବିକାଶ ଅଧିକାରୀ ଦାମୋଦର ମହାଲିକ, ବିପିଏମ ରମଣୀ ରଞ୍ଜନ ଓଝା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏପିଓ ମଙ୍ଗଳ ସିଂ, ଜିଲା ପରିଷଦ ସଦସ୍ୟ ଭୁବନେଶ୍ୱର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ଚୁନୁ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ।

**ବଡ଼ସାହି,୫।୩(ସ୍ୱ.ପ୍ର):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଡିଓ ଦିଲ୍ଲୀପ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ଆକାଉଣ୍ଟ ଅଫିସର ସିଦ୍ଧନାଥ ହାଁସଦା, ଜିପିଇଓ ପଞ୍ଚାନନ ମହାପାତ୍ର ଓ ସହକାରୀଯନ୍ତ୍ରୀ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ, ନିର୍ବାଚିତ ପ୍ରତିନିଧି, ବ୍ଲକର ସମସ୍ତ କର୍ମଚାରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ସେହିପରି ବ୍ଲକ ବିଜୁ ଜନତା ଦଳ ଓ ବିଭିନ୍ନ ପଞ୍ଚାୟତରେ ଏହି ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର


ବଡ଼ସାହିଠାରେ ଆୟୋଜିତ ପଞ୍ଚାୟତିରାଜ ଦିବସରେ ଉପସ୍ଥିତ ମହିଳାପୁରୁଷ।

ଧାନଚାନ୍ଦ ମହାନ୍ତ ସଭାକାର୍ଯ୍ୟ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଦେଇଥିଲେ।

**କୋଷ୍ଠା,୫।୩(ଡ଼ି.ଏନ୍.ଏ.):** ଶୂଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ପରିକ୍ଷୀତ ଜେନା, ବ୍ଲକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ, ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, କୋଷ୍ଠା ପଞ୍ଚାୟତ ସମିତି ସଭ୍ୟ ହରିଶ ଚନ୍ଦ୍ର ଦତ୍ତ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ଜିଆରଏସ ପ୍ରମୁଖ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଶୂଳିଆପଦା ହାଟ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ଦିବ୍ୟଲୋଚନ ଦାଶ, ନୀଳକଣ୍ଠ ମହାନ୍ତ, କ୍ୟୋତିଲାଲ ବାରିକ, ସତ୍ୟନାରାୟଣ, (ଗାନ୍ଧିଭାଇ) ଜଟ, ଚଣ୍ଡି ଭାଇ, ସଞ୍ଜୟ ଶେଜପଡା, ପ୍ରତାପ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା।

**ଝାରପୋଖରିଆ,୫।୩(ଡ଼ି.ଏନ୍.ଏ.):** ସାରସକଣା ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ବିଡିଓ ସୁନାକର ଶର୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡା.ବୁଢାନ ମୁର୍ମୁ, ସମ୍ମାନନୀୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦଳେଇଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରାଜକିଶୋର ଆଚାର୍ଯ୍ୟ,ତପନ ପତି, ପ୍ରଫୁଲ୍ଲ ମହାଳିକ, ଜ୍ଞାନ ରଞ୍ଜନ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

**ବାଙ୍ଗିରିପୋଷି,୫।୩(ଡ଼ି.ଏନ୍.ଏ.):** ବାଙ୍ଗିରିପୋଷି ବ୍ଲକ ପରିସରରେ ବିଡିଓ ରାମଦାସ ଟୁଡୁଙ୍କ ସଭାପତିତ୍ୱରେ ପଞ୍ଚାୟତି ରାଜ ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡି , ସମ୍ମାନନୀୟ ଅତିଥି ବ୍ଲକ ସହକାରୀ ଯନ୍ତ୍ରୀ ଯୋଗେଶ୍ୱର ବେହେରା, ସହକାରୀ କୃଷି ଅଧିକାରୀ ତ୍ରିଲୋଚନ ରାଉତ, ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଦ୍ୟା ନାଏକ,୨୮ନଂ. ଜୋନ ଜିଲା ପରିଷଦ ସଭ୍ୟା ସରୋଜିନୀ ନାଏକ ଏବଂ ୨୭ ନଂ ଜୋନ ଜିଲା ପରିଷଦ ସଭ୍ୟା ସଲମିଟ ଟୁଡୁ ମଞ୍ଚାସୀନ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ମୁର୍ମୁ, ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ହିମାଂଶୁ କୁମାର ମହାନ୍ତ, ବ୍ଲକ କୋଷାଧ୍ୟକ୍ଷ ଅରୁଣ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

**ରାଇରଙ୍ଗପୁର,୫।୩(ଡ଼ି.ଏନ୍.ଏ.):** ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ପରିସରରେ ଆୟୋଜିତ ସଭାରେ ବିଡିଓ ରୀତା ଡାଙ୍ଗ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାରାଣ୍ଡି, ଉପାଧ୍ୟକ୍ଷ ଗୋଲାପ ମୁଣ୍ଡାରୀ ଏବଂ ସମିତିସଭ୍ୟ ଆଡ୍‌ଭୋକେଟ୍ ଉପେନ୍ଦ୍ର ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ‘ମାତୃଜାତିର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ଅପରିହାର୍ଯ୍ୟ’

**ଝାରପୋଖରିଆ,୫।୩(ଡି.ଏନ୍.ଏ.)**

ସାରସକଣା ବ୍ଲକ ଅନ୍ତର୍ଗତ ମହୁଲବରେଇଠାରେ ଥିବା ପାଲବିହାରର ଶରତ ପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଶିବଶଙ୍କର ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଭାଗର ଅଧ୍ୟାପକ ପରମେଶ୍ୱର ଦେ, ସମ୍ମାନନୀୟ ଅତିଥି ଭାବେ ଖବରଦାତା ସୁଧୀର କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନାକୁ ଗୁରୁତ୍ୱ ଦେଇ ମାତୃଜାତିର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଗୃହ ବିଜ୍ଞାନର ଅଧ୍ୟାପିକା ସୁଜାତା ପଟ୍ଟନାୟକ ଯୋଗ ଦେଇଥିଲେ। ଶିବିରରେ ବିଦ୍ୟାଳୟର ୬୯ ଛାତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିଥିଗଣ ତାଲିମଧାରୀ ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ।

# ଡମ୍ପିଂୟାର୍ଡକୁ ବିରୋଧ, ଆବର୍ଜନା ବୋଝେଇ ଗାଡ଼ି ଅଟକାଇଲେ

**ଉଦଳା,୫।୩(ଡ଼ି.ଏନ୍.ଏ.)**

ଉଦଳା ଏନଏସିରେ ଡମ୍ପିଂୟାର୍ଡକୁ ନେଇ ଦୀର୍ଘ ଦିନରୁ ବିବାଦ ଲାଗି ରହିଛି। ଫଳରେ ୧୨ଟି ୱାର୍ଡର ଆବର୍ଜନା କେଉଁଠି ପଡ଼ିବ ତାହାକୁ ନେଇ ବାରମ୍ବାର ଏନଏସିକୁ ନାକେଦମ୍ ହେବାକୁ ପଡ଼ିଛି। ଗୁରୁବାର ପୁଣି ଏହି ଡମ୍ପିଂୟାର୍ଡକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖା ଦେଇଥିଲା। ଜଙ୍ଗଲରେ ଆବର୍ଜନା ପକାଇବାକୁ ଯାଉଥିବା ଗାଡ଼ିକୁ ସ୍ଥାନୀୟ ବାସିନ୍ଦା ଅଟକାଇବା ସହିତ ଅଳିଆ ପକାଇବାକୁ ବିରୋଧ କରିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ବ୍ଲକ ଅଧିନ ଶ୍ମଶାନ କାଳୀ ମନ୍ଦିର ଛକ ନିକଟରେ। ପୂର୍ବାହ୍ନ ୧୦ଟା ସମୟରେ ଏନଏସି ପକ୍ଷରୁ ଆବର୍ଜନା ଉଠାଇବା ନିମନ୍ତେ ନିୟୋଜିତ ଟ୍ରାକ୍ଟର ଆବର୍ଜନା ନେଇ ସ୍ଥାନୀୟ ଶ୍ମଶାନ କାଳୀ ଜଙ୍ଗଲରେ ପକାଇବା ନିମନ୍ତେ ଯାଇଥିଲା ବେଳେ ତାହାକୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ଗାଡ଼ି ସମ୍ମୁଖରେ ଧାରଣାରେ ବସି ଆବର୍ଜନା ପକାଇବାକୁ


ଆବର୍ଜନା ପକାଇବାକୁ ୱାର୍ଡବାସୀ ବିରୋଧ କରି ଧାରଣା ଦେଇଛନ୍ତି।

ବିରୋଧ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏନଏସିର ସମସ୍ତ ଆବର୍ଜନା ଜଙ୍ଗଲ ମଧ୍ୟରେ ୫ ବର୍ଷରୁ ଅଧିକ ହେବ ପଡ଼ି ଆସୁଛି । ଫଳରେ ସ୍ଥାନୀୟ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ସହିତ ଆବର୍ଜନାକୁ ଖାଇ ଅନେକ ଗୋରୁ ଗାଇ ମଧ୍ୟ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଜଙ୍ଗଲ ନିକଟରେ ରହୁଥିବା ଗ୍ରାମବାସୀମାନଙ୍କଠାରୁ ଆରମ୍ଭ କରି ଛୋଟ ପିଲାମାନେ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମର ସଂଯୁକ୍ତା ପାତ୍ର, ବାସୁମଣୀ ସିଂ ଅଭିଯୋଗ କରିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଜଙ୍ଗଲରେ ଆବର୍ଜନା ନ ପକାଇବା ନେଇ ବାରମ୍ବାର ଏନଏସି ଚେୟାରମ୍ୟାନଙ୍କଠାରୁ ଆରମ୍ଭ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ । ଗତ ଫେବୃଆରୀ ମାସ ସୁଦ୍ଧା ଜଙ୍ଗଲରେ ଅଳିଆ ଡମ୍ପ କରାଯିବ ନାହିଁ ଏବଂ ଅନ୍ୟତ୍ର ଆବର୍ଜନା ପକା ଯିବ ବୋଲି ଏନଏସି କର୍ତ୍ତୃପକ୍ଷ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଅଞ୍ଜନା ଖଣ୍ଡେଇ, ଏକାଦଶୀ ମିରିଡିଆ କହିଛନ୍ତି। ହେଲେ ତାହା କାର୍ଯ୍ୟକାରୀ ନ ହେବାରୁ ସ୍ଥାନୀୟ ଶତାଧିକ ମହିଳା ଆବର୍ଜନା ଗାଡିକୁ ଅଟକାଇବା ସହିତ ଧାରଣାରେ ବସିଥିଲେ। ଖବର ପାଇ ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ଅନ୍ୟପଟେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରାଯାଇପାରି ନ ଥିବା ଜଣାପଡ଼ିଛି। ଯାହାଫଳରେ ଆବର୍ଜନା ବୋଝେଇ ଟ୍ରାକ୍ଟର ସ୍ଥାନୀୟ ଏନଏସି କାର୍ଯ୍ୟାଳୟକୁ ଫେରି ଆସିଥିବା ଜଣାଯାଇଛି।

## ସଂକ୍ଷେପରେ

### ମୋବାଇଲ ଚୋରକୁ ଧରି ପୋଲିସ ଜିମା ଦେଲେ

ତେଲକୋଇ, ୫।୩(ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତ ମୁଖ୍ୟାଳୟଠାରେ ଗୁରୁବାର ସପ୍ତାହିକ ହାଟରେ ଲୋକ ମାନେ ଏକ ମୋବାଇଲ ଚୋରକୁ ଧରି ତେଲକୋଇ ଥାନାରେ ପୋଲିସ ଜିମା ଦେଇଛନ୍ତି। ଘଟଣା ଅନୁଯାୟୀ ଗୁରୁବାର ଆକୁଳ ହାଟରେ ଦୁଇ ଜଣଙ୍କର ମୋବାଇଲ ଚୋରି ହୋଇସାରିଥିବା ବେଳେ ତୃତୀୟ ବ୍ୟକ୍ତିଙ୍କର ମୋବାଇଲ ଚୋରି କରୁଥିବା ସମୟରେ ଲୋକମାନେ ଜଣେ ନାବାଳକଙ୍କୁ କାବୁ କରିନେଇଥିଲେ। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଆଉ ଦୁଇଜଣ ଯୁବକ ଖସି ପଳାଇବାରେ ସଫଳ ହୋଇଛନ୍ତି। ନାବାଳକଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଥିବା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

### ରୋଗୀ କଲ୍ୟାଣ ସମିତି ବୈଠକ

ଚମ୍ପୁଆ, ୫।୩(ଡି.ଏନ.ଏ)- ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହଠାରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟିକା ମୀନାକ୍ଷୀ ମହାନ୍ତ, ଉପଜିଲାପାଳ ପ୍ରତାପ ପ୍ରିତିମୟ, ଏନଏସି ଚେୟାରମ୍ୟାନ ଗୀତାରାଣି ନାଏକ, ଏବିଡିଓ ଶରତ ଚନ୍ଦ୍ର ବାରିକ, ଏସଡିଏମଓ ଉମାକାନ୍ତ ସାହୁ ଏବଂ ସଭ୍ୟ ଆଇନଜୀବୀ ହରେକୃଷ୍ଣ ମିଶ୍ର, ଖବରଦାତା ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଆର୍‌ଡବ୍ଲ୍ୟୁଏସଏସ, ପୂର୍ତ୍ତ ଗୃହ ନିର୍ମାଣ ବିଭାଗ ଓ ଶିକ୍ଷା ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ।

### ଦାଦନ ଶ୍ରମିକ ନିଖୋଜ

ତେଲକୋଇ, ୫।୩ (ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ମୁଣ୍ଡା ସାହିରୁ ୫ଜଣ ଦାଦନ ଖଟିବାକୁ ଗତ ଫେବୃୟାରୀ ମାସ ୨୯ ତାରିଖରେ ତାମିଲନାଡୁକୁ ବାହାରିଥିଲେ। ସେମାନଙ୍କ ମଧରୁ ତାମିଲନାଡୁ ପହଞ୍ଚିବା ପୂର୍ବରୁ ଇରୋଟ ରେଲୱେ ଷ୍ଟେଶନରେ ଗୁରୁ ମୁଣ୍ଡା ନିଖୋଜ ହୋଇଯାଇଥିବା ତାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ତେବେ ନିଖୋଜ ହେବା ପରେ ସାଥିରେ ଥିବା ୪ ଜଣ ସାଥୀ ସେଠାରେ ରହି ଖୋଜିବା ଆରମ୍ଭ କରିଛନ୍ତି । ଏନେଇ ଫୋନ ଯୋଗେ ତାଙ୍କ ଘରକୁ ସୂଚନା ଦେଇଛନ୍ତି । ତେବେ ପୋଲିସ ପକ୍ଷରୁ ଖୋଜିବା ଲାଗି ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପୋଲିସ ଷ୍ଟେଶନର ସେକେଣ୍ଡ ଅଫିସର ପଦ୍ମିନୀ ପରିଡାଙ୍କୁ ପଚାରିବାରୁ ଯେଉଁ ସ୍ଥାନରେ ନିଖୋଜ ହୋଇଛନ୍ତି ସେହି ସ୍ଥାନରେ ଅଭିଯୋଗର ଆବଶ୍ୟକତା ରହିଛି। ଆମେ କେବଳ ଅଭିଯୋଗ ରଖି ଜିଲାକୁ ଜଣାଇବୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ‘ନିଷ୍ଠା ଥିଲେ ଲକ୍ଷ୍ୟ ଦୂର ନୁହେଁ’

ମହେଶ୍ୱର ଦାସ
ଚମ୍ପୁଆ, ୫।୩


କୈଳାସ ଚନ୍ଦ୍ର ତନ୍ତୀ

ଭିନ୍ନ ଏକ ମଣିଷ କୈଳାସ ଚନ୍ଦ୍ର ତନ୍ତୀ। ନିଷ୍ଠା ଓ ଅଧ୍ୟବସାୟକୁ ପାଥେୟ କରି ଗାଈ ଜଗୁଆଳ ଭାବେ କାମ କରୁଥିବା କୈଳାସ ଆଜି ଜଣେ ସମାଜ ସେବକ। ଚମ୍ପୁଆ ବ୍ଲକ କାଶିପାଳ ପଞ୍ଚାୟତ ଗୁଲୁଦିପଶି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହେଉଛନ୍ତି କୈଳାସ ଚନ୍ଦ୍ର ତନ୍ତୀ। ଜଣେ ସମାଜ ସେବକ ଓ ସଂଗଠକ ସହ ସଂସ୍କୃତି ପ୍ରତି ରହିଛି ତାଙ୍କର ଅହେତୁକ ଆକର୍ଷଣ। ଜଣେ ପ୍ରାଥମିକ ଶିକ୍ଷକ ଭାବେ ନିଜ କର୍ମମୟ ଜୀବନ ସମାପନ କରିଥିବା ଏହି ମଣିଷ ନିକଟ ଅତୀତରେ ପ୍ରଫେସର ଜଗମୋହନ ରାଠୋର୍ ଶିକ୍ଷାବିତ୍ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗୁଆପଡା ଗ୍ରାମରେ ୧୯୫୧ ମସିହା ସେପ୍ଟେମ୍ବର ୧ ତାରିଖରେ କୈଳାସ ଜନ୍ମଗ୍ରହଣ କରିଥିଲେ। ୩ ବର୍ଷ ବୟସରେ ପିତା କାଳାଚାନ୍ଦ ଓ ମାତା ଆଲମଣିଙ୍କୁ ହରାଇ ଜେଜେବାପା ଜେଜେମା’ଙ୍କ କୋଳକୁ ଆଉଜି ପଡିଥିଲେ। କେବଳ ଘର ଡିହକୁ ଛାଡି ଦେଲେ ଜମିଜମା ନ ଥିବାରୁ ଜେଜେ ବାପା ସନୁ ତନ୍ତୀ ଓ ଜେଜେ ମା’ ଚମ୍ପା କୌଳିକ ବୃତ୍ତି ଲୁଗା ବୁଣିବା ଦ୍ୱାରା ଦୁଇଓଳି ଦୁଇମୁଠା ଖାଦ୍ୟ ଯୋଗାଡ କରିବାରେ ସକ୍ଷମ ହୋଇଥିଲେ। ଅଭାବ ଅନଟନ ମଧରେ ୫ ବର୍ଷରୁ କୈଳାସଙ୍କୁ ଗାଁ ଲୋକଙ୍କ ଗାଈ ଜଗିବାକୁ ପଡିଥିଲା। ଗାଈ ଜଗୁଆଳ ସହିତ ଗ୍ରାମ ଚାଟଶାଳୀରେ ଆରମ୍ଭ ହୋଇଥିଲା ଅଧ୍ୟୟନ। ଡେଣୁଆ ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିବା ବେଳେ ଜେଜେ ବାପାଙ୍କ ମୃତ୍ୟୁ ତାଙ୍କ ଭବିଷ୍ୟତକୁ ଆହୁରି ଅନ୍ଧାର ଭିତରକୁ ଠେଲି ଦେଇଥିଲା। ହେଲେ ଜିଦ୍ ଥିଲା ପଢିବା। ମୁରୁସୁଆଁ ଉ.ପ୍ରା. ଇଦ୍ୟାଳୟରେ ବୃତ୍ତି ପାଇ ୬ଷ୍ଠ ଶ୍ରେଣୀରେ ଅଧ୍ୟନ କରୁଥିବା ବେଳେ ନିଜର ପରୀକ୍ଷା ଫି ଦେବାକୁ ସକ୍ଷମ ହୋଇ ନ ଥିବାରୁ ଶିକ୍ଷକ ମିତ୍ରଭାନୁ ମହାନ୍ତ ତାଙ୍କ ଆଗ୍ରହ ଦେଖି ସହାୟତା ପ୍ରଦାନ କରିଥିଲେ। ଶିକ୍ଷା ଗ୍ରହଣ କରିବା ନିଶା ତାଙ୍କୁ ସଫଳତା ଦେବା ସହିତ ଅଭାବ ତାଙ୍କୁ ମାଡି ବସିଥିଲା। ୧୯୬୮ ମସିହାରେ ମାଟ୍ରିକ ପାସ ପରେ ଆଉ ଆଗକୁ ପଢିବା ସମ୍ଭବ ନ ହେବାରୁ ସେ ଶିକ୍ଷକତା ବୃତ୍ତି ଆପଣେଇ ନେଇଥିଲେ। ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ପ୍ରଶିକ୍ଷଣ ପରେ ୧୯୭୧ ମସିହାରେ ଶିକ୍ଷକତାରେ ଯୋଗ ଦେଲେ। କୈଳାସ ବାଂଶପାଳ, ଯୋଡା, ବଡବିଲ, ଚମ୍ପୁଆ ଆଦି ଅଞ୍ଚଳରେ ଶିକ୍ଷକତା କରି କରଞ୍ଜିଆ ବାଳକ ଉ.ପ୍ରା. ବିଦ୍ୟାଳୟରୁ ୨୦୦୯ ରେ ଅବସର ନେଇଥିଲେ। କେନ୍ଦୁଝର ଜିଲାକୁ ସାକ୍ଷରତା ଅଭିଯାନ, ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ, ଆର୍ଥିକ ସାକ୍ଷରତା, ସ୍ୱଳ୍ପ ସଞ୍ଚୟ ଯୋଜନା ଆଦି ବିଷୟରେ ଦିଗ୍‌ଦର୍ଶନ ଦେବାକୁ ଯାଇ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ପାଠ ପଢିବା ସମୟରେ ସାର୍ବଜନୀନ ଶିକ୍ଷାର ବିସ୍ତାର ପାଇଁ ଗ୍ରାମର ଏକ ଗଣେଶ ପାଠାଗାର ମନମୋହିନୀ ଯୁବକ ସଂଘ ସହାୟତାରେ ଆରମ୍ଭ କରିଥିଲେ। ମେଧାବୀ ଓ ଅଭାବୀ ଛାତ୍ରୀଛାତ୍ରଙ୍କୁ ସହାୟତାର ହାତ ବଢାଉଥିବା ଏହି ମଣିଷ ଅବସର ପରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ହାତକୁ ନେବା ସହିତ ସମାଜସେବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ନିଷ୍ଠା ଥିଲେ ଲକ୍ଷ୍ୟ କେବେ ଦୂର ନୁହଁ ବୋଲି କହିବା ସହିତ ପରିଶ୍ରମ ସଫଳତାର ଶୀର୍ଷ ପାହାଚରେ ପହଞ୍ଚାଇଥାଏ ବୋଲି ସେ ନିଜ ମତ ରଖିଛନ୍ତି।

# ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ



ହାଟଡିହୀରେ ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବରେ ଅତିଥି ଓ ବକ୍ତା।

କେନ୍ଦୁଝର, ୫।୩ (ସ୍ୱ.ପ୍ର.)

ପ୍ରବାଦ ପୁରୁଷ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଗୁରୁବାର କେନ୍ଦୁଝର ଜିଲା ସଦର ମହକୁମାରେ ପାଳିତ ହୋଇଯାଇଛି। ଥାନା ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଦଳୀୟ ନେତା ଓ କର୍ମୀ ସମବେତ ହୋଇ ମାଲ୍ୟାର୍ପଣ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ରାଜ୍ୟ ବିଜେଡି ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ରଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ପ୍ରକୃତରେ ବିକାଶର ବାହକ ବୋଲି କହିଥିଲେ ।


କେନ୍ଦୁଝରରେ ଆୟୋଜିତ ସମାରୋହରେ ଉପସ୍ଥିତ ଅତିଥି।

**ଚମ୍ପୁଆ:** ଚମ୍ପୁଆରେ ବିଜୁ ପଟ୍ଟନାୟକଙ୍କର ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚମ୍ପୁଆ ବିଜୁ ଜନତା ଦଳ ପକ୍ଷରୁ ନଗର ସଭାପତି ଗିରଜା ଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ଏହି ବିଜୁ ଜୟନ୍ତୀରେ ଗଣେଷ ଖିଲାର, ସୁକାନ୍ତ ନନ୍ଦ, ମହାବୀର ସିଂ, ଏମଡି ଅମିର, ରମେଶ ବାରିକ, କୁଳମଣୀ ବେହେରା ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ପଞ୍ଚାୟତରାଜ ଦିବସ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଡିଓ ଦିଲୀପ କୁମାର ବାରା, ବ୍ଲକ ଅଧ୍ୟକ୍ଷା ମମତା ଦେହୁରୀ, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ବର୍ଣ୍ଣାଳୀ ମୁର୍ମୁ, ପଞ୍ଚାୟତ ଅଧିକାରୀ ବିଶ୍ୱାନାଥ ମଲ୍ଲିକ, ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ ସମେତ ବିଭନ୍ନ ଅଧିକାରୀ ଉପସ୍ଥିତ ରହିଥିଲେ

**ବଡ଼ବିଲ:** ବଡ଼ବିଲ ପୌରାଞ୍ଚଳର ମାଟକାମବେଡା କଳିଙ୍ଗ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବିଜେଡି ନେତା ଓ ବିଜୁ ପ୍ରେମୀ ମାନେ ମାଲ୍ୟାର୍ପଣ କରିଛନ୍ତି। ସକାଳ ୮ଟା ବେଳେ ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ଓ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମାଲ୍ୟାର୍ପଣ କରିଥିଲେ।

**ପାଟଣା:** ପାଟଣା ବ୍ଲକ ସଭାଗୃହ ରେ ପଞ୍ଚାୟତ ରାଜ ଦିବସ ପାଳିତ ହୋଇଛି। ଆୟୋଜିତ ସଭାରେ ବିଡିଓ ଈଶ୍ୱରଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଓ କବି ଭରତଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ।

# ଚଟାଣରେ ଚିକିତ୍ସିତ ହେଉଛନ୍ତି ପ୍ରସୂତି

ଚମ୍ପୁଆ, ୫।୩ (ଡି.ଏନ.ଏ)

୧୯୧୦ ମସିହାରୁ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶଯ୍ୟା ଅଭାବରୁ ତଳେ ରଖି ମା’ମାନଙ୍କୁ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ଏକ ପଟେ ସରକାରଙ୍କ ୫-ଟି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚିକିତ୍ସାଳୟର କର୍ତ୍ତୃପକ୍ଷ ଦିନରାତି ପରିଶ୍ରମ କରୁଥିବା ବେଳେ ଅନ୍ୟପଟେ ଶଯ୍ୟା ଅଭାବରୁ ମା’ମାନେ ତଳେ ରହି ଚିକିତ୍ସିତ ହେଉଛନ୍ତି। ଏପରି ଚିକିତ୍ସିତ ହେଲେ ସଂକ୍ରମଣକୁ ଏଡାଇ ଦିଆ ଯାଇ ନପାରେ। ସୂଚନା ଅନୁସାରେ ଏହି ପୁରାତନ ଚିକିତ୍ସାଳୟ ଉପରେ ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର ସମେତ ଝାଡଖଣ୍ଡ ରାଜ୍ୟର ରୋଗୀମାନେ ଉନ୍ନତମାନର ସେବା ପାଇଁ ନିର୍ଭର କରି ଆସୁଛନ୍ତି। ମାସିକ ୭ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏଠାରେ ଚିକିତ୍ସା ସେବା ପାଉଥିବା ବେଳେ ପ୍ରସବକାଳୀନ ଚିକିତ୍ସା ପାଇଁ ବହୁ ରୋଗୀ ଏହା ଉପରେ ନିର୍ଭର କରୁଛନ୍ତି। ଏହି ଚିକିତ୍ସାଳୟରେ ଥିବା ଶଯ୍ୟା ତୁଳନାରେ ଅଧିକ ରୋଗୀ ଆସୁଥିବାରୁ ଶଯ୍ୟା ଅଭାବରୁ ଏମାନଙ୍କୁ ତଳେ ରଖି ଚିକିତ୍ସା କରାଯାଉଛି। ଏହି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୧୩ ଗୋଟି ଶଯ୍ୟା ରହିଥିବା ବେଳେ ଗୁରୁବାର ୨୨ ଗୋଟି ପ୍ରସୂତି ମା’ମାନଙ୍କୁ ମଧ୍ୟରୁ ୬ ଜଣଙ୍କୁ ଅନ୍ୟ ଏକ ୱାର୍ଡ ଓ ୩ ଜଣଙ୍କୁ ତଳେ ରଖି ଚିକିତ୍ସା କରାଯାଉଛି। ଏନେଇ ବିଭାଗୀୟ ଡାକ୍ତର ତନୁରାମ ମୁର୍ମୁଙ୍କୁ ପଚାରିବାରୁ ପ୍ରତ୍ୟେହ ସ୍ତ୍ରୀ ଓ ପ୍ରସୂତି ରୋଗୀ ବଢୁଛନ୍ତି। ଆବଶ୍ୟକ ତୁଳନାରେ ଶଯ୍ୟା ନ ଥିବାରୁ ତଥା ଏହା ଏକ ଜରୁରୀ କାଳୀନ ସେବା ହୋଇଥିବାରୁ ବାଧ୍ୟ ହୋଇ ରୋଗୀଙ୍କୁ ତଳେ ରଖି ଚିକିତ୍ସା କରାଯାଉଛି। ଗର୍ଭବତୀ ଓ ପ୍ରସୂତି ମା’ମାନଙ୍କ ସହିତ ଜଣେ ଘର ଲୋକ ମଧ୍ୟ ତାଙ୍କ ପାଖରେ ରହୁଥିବାରୁ ଅନେକ ସମୟରେ ଚିକିତ୍ସାରେ ବାଧା ଉପୁଜୁଛି। ସଂକ୍ରମଣ ନ ହେବାର ପଦକ୍ଷେପ ନିଆଯାଉଛି ସତ ମାତ୍ର ଆବଶ୍ୟକ ତୁଳନାରେ ଅଧିକ ଲୋକ ରହିଲେ ସଂକ୍ରମଣ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି।


ଚଟାଣରେ ଜଣେ ପ୍ରସୂତିଙ୍କୁ ଚିକିତ୍ସା କରାଯାଉଛି।

### ଆଜିଠାରୁ ଆନନ୍ଦପୁର ମହୋତ୍ସବ

ଘସିପୁରା, ୫।୩(ଡି.ଏନ.ଏ)

ଆନନ୍ଦପୁରର କଳା, ସଂସ୍କୃତି ଓ ଐତିହ୍ୟର ବାର୍ତ୍ତାବହ ଆନନ୍ଦପୁର ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହେବ। ୬ଦିନ ବ୍ୟାପୀ ସ୍ଥାନୀୟ ମିନି ଷ୍ଟାଡିୟମ ପଡ଼ିଆଠାରେ ଚାଲିବାକୁ ଥିବା ଏହି ମହୋତ୍ସବରେ ମୀନାବଜାର ସାଙ୍ଗକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିପାଇଁ ମହୋତ୍ସବ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଦ୍‌ଘାଟନୀ ଦିବସରେ ସକାଳୁ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଘସିପୁରା ଝାଡ଼େଶ୍ୱର ମନ୍ଦିରରୁ ବାହାରି ସହର ପରିକ୍ରମା କରିବ। ପରେ ସନ୍ଧ୍ୟାରେ ଷ୍ଟାଡିୟମ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ସଭାରେ ଉଚ୍ଚଶିକ୍ଷା, କୃଷି, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଡଃ ଅରୁଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତିଦିନ ହେବାକୁ ଥିବା ସାଧାରଣ ସଭାରେ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା, ଖବରଦାତା, ବୁଦ୍ଧିଜୀବୀ ଅତିଥି ଭାବେ ଯୋଗଦେବେ। ସୁରକ୍ଷା ଦୃଷ୍ଟିରୁ ପଡ଼ିଆରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ପାଇଁ ନିଷ୍ପତ୍ତି ହୋଇଛି।

### ନାବାଳିକାଙ୍କୁ ବଳାତ୍କାର ଘଟଣା ସମ୍ପର୍କୀୟ ଜେଜେ ଗିରଫ

ବଡ଼ବିଲ, ୫।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନାଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତ ସମ୍ପର୍କୀୟ ଜେଜେଙ୍କୁ ଗିରଫ କରି କେନ୍ଦୁଝର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜମାଦାର ମୁଣ୍ଡା। ଗୁରୁବାର ଜମାଦାର ଚଟେଇ ହଟିଂସ୍ଥିତ ଭଉଣୀ ଘରେ ଲୁଚିଥିବା ଖବର ପାଇ ପୋଲିସ ଚଢ଼ାଉ କରି ଗିରଫ କରିଛି। ପୋକ୍‌ସୋ ଆକ୍ଟରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ପାଟଣା, ୫।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡାସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଆୟୋଜିତ ସଭା ପରିଚାଳନା କମିଟିର ସମ୍ପାଦକ ବିଜୟ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବୀରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବର ଦାତା ନୃସିଂହନାଥ ସିଂହ, ଶିଶୁ ବିଦ୍ୟାମନ୍ଦିର ସଭାପତି ଗୋପବନ୍ଧୁ ପୃଷ୍ଟି ଓ ଉପସଭାପତି ଜଗଦୀଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଓକିଲ ସଂଘ ନିର୍ବାଚନ ପାଇଁ ତତ୍ପରତା

ଆନନ୍ଦପୁର,୫।୩(ସ୍ୱ.ପ୍ର.)

ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଇଛି। ସଭାପତି ପ୍ରାର୍ଥୀ ପାଇଁ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର ଷଷ୍ଠ ଥର ସକାଶେ ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ପାତ୍ରଙ୍କ ନିକଟରେ ତାଙ୍କର ୬ ସେଟ୍ ନାମାଙ୍କନ ପତ୍ର ଗୁରୁବାର ଦିନ ନିଜ ସମର୍ଥକଙ୍କ ସହିତ ଦାଖଲ କରିଛନ୍ତି। ପୂର୍ବରୁ ସଞ୍ଜୟ ମିଶ୍ର ଆନନ୍ଦପୁର ଓକିଲ ସଂଘରେ ଲଗାତର ଭାବେ ୫ ଥର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ବାର କାଉନସିଲର ବିଜ୍ଞପ୍ତି ଓ ଆଦେଶ ସଂଖ୍ୟା ୯୮୭/୨୦ ଅନୁଯାୟୀ, ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ବାଚନ ଅଧିକାରୀ ଆଇନଜୀବୀ ରାମଚନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମାର୍ଚ୍ଚ ୨୮ ସକାଳ ୮ ଟାରୁ ଦିବା ୨ ଟା ପର୍ଯ୍ୟନ୍ତ ୧ ନଂ. ସଭା ଗୃହରେ ନିର୍ବାଚନ ନିମନ୍ତେ ମତଦାନ ହେବ। ଆଗ୍ରହୀ ଆଇନଜୀବୀ ମାନେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ମାର୍ଚ୍ଚ ୫ ଓ ୬ ତାରିଖରେ ପ୍ରାର୍ଥୀ ପତ୍ର ନିର୍ବାଚନ କାର୍ଯ୍ୟାଳୟରୁ ଦିବା ୧୧ ଟାରୁ ଦିବା ୩ ଟା ମଧ୍ୟରେ ଗ୍ରହଣ ଓ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ମାର୍ଚ୍ଚ ୭ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ, ୧୨ ତାରିଖ ଦିବା ୩ଟାରେ ପ୍ରାର୍ଥୀତ୍ୱ ପ୍ରକାଶନ, ୧୩ ତାରିଖ ଦିବା ୧୧ଟାରୁ ୩ ଟା ମଧ୍ୟରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଏବଂ ୧୪ ତାରିଖ ଦିବା ୧୨ଟା ୩୦ରେ ଚୂଡାନ୍ତ ପ୍ରାର୍ଥୀ ପତ୍ର ତାଲିକା ପ୍ରକାଶ ପାଇବ। ୨୮ ତାରିଖ ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଦିବା ୨ଟା ପର୍ଯ୍ୟନ୍ତ ଚାଲୁରହିବାବେଳେ ଅପରାହ୍ନ ୩ଟାରୁ ଗଣତି ଆରମ୍ଭ ହୋଇ ଚୂଡାନ୍ତ ଘୋଷଣା କରାଯିବ। ମତଦାନ ସମୟରେ ଓଡ଼ିଶା ବାର କାଉନସିଲ୍ କିମ୍ବା ଆନନ୍ଦପୁର ବାର ଆସୋସିଏଶନର ପରିଚୟ ପତ୍ର ପ୍ରଦାନ କରିବା ସହିତ ମତଦାନ କେନ୍ଦ୍ରରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ର ନେବାକୁ ବାରଣ କରାଯାଇଛି। ଉକ୍ତ ନିର୍ବାଚନରେ ମୋଟ ୧୭୫ ଜଣ ଆଇନଜୀବୀ ସ୍ୱୀକୃତ ମତଦାତା ଭାବେ ମତଦାତା ସାରଣୀ ପ୍ରକାଶ ପାଇଥିବା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।


ଆଇନଜୀବୀ ସଞ୍ଜୟ କୁମାର ମିଶ୍ର ଷଷ୍ଠ ଥର ପାଇଁ ସଭାପତି ପଦ ଲାଗି ଗୁରୁବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ଡିଏମ୍‌ଏଫ୍ ସଞ୍ଜୀବନୀ ସେବା କାର୍ଯ୍ୟକ୍ରମ ଆରମ୍ଭ

କେନ୍ଦୁଝର, ୫।୩ (ସ୍ୱ.ପ୍ର./ଡି.ଏନ.ଏ.)

ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଗରିବ ଓ ଅସହାୟ ଲୋକଙ୍କୁ ଚିକିତ୍ସା ସହାୟତା ପାଇଁ ଡିଏମଏଫ-ସଞ୍ଜିବନୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଏସ୍.ସି.ବି. ମେଡିକାଲ୍ କଲେଜ୍‌ର ସୁପରିନ୍‌ଟେଣ୍ଡେଣ୍ଟ ଓ ଅଧ୍ୟକ୍ଷ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଡିଏମ୍‌ଏଫ୍‌ର କର୍ମକର୍ତ୍ତା ଅନିକେତ୍ ଚୌଧୁରୀ ଏବଂ ସୀତାକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଜିଲାପାଳ ଆଶିଷ ଥାକରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପିଡିଡିଆରଡିଏ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡିଏମଏଫ ଅନୁଦାନରେ ଏହି କାର୍ଯ୍ୟକ୍ରମ ୩ ବର୍ଷ ପ୍ରଥମ ପର୍ଯ୍ୟାୟରେ ଚାଲିବ। ଏହି କାର୍ଯ୍ୟକ୍ରମରେ ଏଠାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଥିବା ଗରିବ ରୋଗୀଙ୍କୁ ଆମ୍ବୁଲାନସ ସେବା ଯୋଗାଇ ଦିଆଯିବ। ପୂର୍ବରୁ ଏଠାରୁ କଟକ ନିଆଯାଉଥିବା ରୋଗୀ ଠକେଇରେ ଶୀକାର ହୋଇ ଚିକିତ୍ସିତ ହୋଇପାରୁ ନ ଥିଲେ ଏବଂ କେତେକ ଅର୍ଥାଭାବରୁ ଚିକିତ୍ସା ପାଇଁ ଯାଇ ନ ପାରି ଘରେ ମୃତ୍ୟୁମୁଖରେ ପଡୁଥିଲେ। ଏହା ଦ୍ୱାରା କୌଣସି ରୋଗୀ ଦଲାଲର ଶିକାର ହେବ ନାହିଁ କିମ୍ବା ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡିବେ ନାହିଁ ବୋଲି ମତପ୍ରକାଶ ପାଇଥିଲା । ଏଥିପାଇଁ ୩ ବର୍ଷରେ ୪.୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜିଲାପାଳ ମେଡିକାଲ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହା ଛଡା ରୋଗୀ ନେବାଆଣିବା ପାଇଁ ଆହୁରି ୨୩ ଆମ୍ବୁଲାନସର ଆବଶ୍ୟକତା ପଡୁଥିବାରୁ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଜଣାଯାଇଥିବା କହିଥିଲେ। କାର୍ଯ୍ୟକ୍ରମକୁ କଟକ ଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ଘାଟନ କରିଥିବା ବେଳେ ସେଠାରେ କେନ୍ଦୁଝର ସିଡିଏମଓ ଡକ୍ଟର ଅଶୋକ ଦାସ ଉପସ୍ଥିତ ଥିବା ଜିଲାପାଳ କହିଥିଲେ। ଏହି ସେବା ୨୪ ଘଣ୍ଟା ପ୍ରଦାନ କରାଯିବ ଏବଂ ଏଥିପାଇଁ କଟକରେ ଘର ନିଆଯାଇଥିବା ବେଳେ ସହାୟତା ପାଇଁ କର୍ମଚାରୀ ନିଯୁକ୍ତି ହେବେ ବୋଲି ଜଣାପଡିଛି ।



‘ସଞ୍ଜୀବନୀ’ ଯୋଜନାରେ ମିଳିଥିବା ଆମ୍ବୁଲାନ୍ସର ଯାତ୍ରାକୁ ପତାକା ଦେଖାଇ ଆରମ୍ଭ କରାଯାଉଛି।